
# ବନ୍ୟା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ 'ପଲ୍ଲିଶ୍ରୀ'ର ଉଦ୍ୟମ



ଧର୍ମଶାଳା,୭।୮ (ଇମିସ): ଯାଜପୁର ଜିଲ୍ଲାର ବନ୍ୟାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅଗ୍ରଣୀ ସ୍ବେଚ୍ଛାସେବୀ ସଂଗଠନ 'ପଲ୍ଲିଶ୍ରୀ' ପକ୍ଷରୁ ଧର୍ମଶାଳା ଓ ବରୀ ବ୍ଲକରେ ୬୦ଟି ନଳକୂପର ପ୍ଲାଟଫର୍ମକୁ ଉଚ୍ଚା କରାଯାଇ ନିର୍ମାଣ କରାଯାଇଛି। ଫଳରେ ବନ୍ୟା ସମୟରେ ପାଣି ଘେରରେ ଥିବା ଲୋକମାନେ ଭେଳା କିମ୍ବା ଡଙ୍ଗା ସାହାଯ୍ୟରେ ଆସି ବିଶୁଦ୍ଧ ପାନୀୟ ଜଳ ସଂଗ୍ରହ କରିପାରିବେ। ପୁନଶ୍ଚ ବିଶୁଦ୍ଧ ପାନୀୟ ଜଳର ସଂରକ୍ଷଣ ପାଇଁ ସଂଗଠନ ପକ୍ଷରୁ ୫୬ଟି ସିନ୍ଟେକ୍ସ ପାଣି ଟାଙ୍କି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ପଲ୍ଲିଶ୍ରୀ ସଂପାଦକ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏହାଦ୍ୱାରା ବନ୍ୟାକ୍ଲିଷ୍ଟ ଲୋକମାନେ ଦୂଷିତ ଜଳ ପାନ ଜନିତ ରୋଗରୁ ମୁକ୍ତି ପାଇପାରିବେ। ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବା ସହିତ ବନ୍ୟା ସମୟରେ ଅଗମ୍ୟ ସ୍ଥାନରେ ଥିବା ଲୋକମାନଙ୍କ ନିକଟରେ କିପରି ରିଲିଫ ସାମଗ୍ରୀ ପହଞ୍ଚିପାରିବ ସେନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଧର୍ମଶାଳା ବ୍ଲକର କଣ୍ଟିଗାଡ଼ିଆ, ପଟୁଣିଆ, ପାଟପୁର ଓ ବରୀ ବ୍ଲକର ଅରଙ୍ଗାବାଦ, ରମ୍ଭା, ଉଦୟନାଥପୁର, ରତଲାଙ୍ଗ, ଅନ୍ୟାସପୁର ଓ ବାଲିବିଲି ପଞ୍ଚାୟତରେ ୬୦ଟି ନଳକୂପର ଚାନ୍ଦିନୀକୁ ଉଚ୍ଚା କରାଯାଇଥିବା ବେଳେ ଆଗାମୀ ଦିନରେ ବନ୍ୟା ପ୍ରଭାବିତ ଅନ୍ୟ ପଞ୍ଚାୟତମାନଙ୍କରେ ଏହିଭଳି ନଳକୂପ ସ୍ଥାପନ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସଂଗଠନ ସହସମ୍ପାଦିକା ରଶ୍ମିରେଖା ପ୍ରଧାନ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ସମ୍ବାଦ ୬

କଟକ, ୮ ଅଗଷ୍ଟ ୨୦୦୬